# Akashvani, Sambalpur

## SAMBALPURI NEWS BULLETIN

### 5 September 2024- 6.47- 6.52 am.

*********************************************

ଗୁରୁଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ଗୁରୁଦିବସ୍ । ଦେଶର୍ ୨ ନମ୍ବର୍ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର୍ ଜନମ୍‌ଦିନକେ ଗୁରୁଦିବସ୍ ଭାବେ ପାଲନ୍ କରାଯାଏସି । ଡକ୍ଟର୍ ରାଧାକ୍ରଷ୍ଣନ୍ ଝନେ ଶିକ୍ଷକ୍, ଶିକ୍ଷାବିତ୍, ଦାର୍ଶନିକ୍ ଆର୍ କୁଟନୀତିଜ୍ଞ ଥିଲେ । ତାଁକର୍ ସମ୍ମାନ୍‌ଥି ୧୯୬୨ ମସିହାନୁ ଆଝିର୍ ଦିନ୍‌କେ ଗୁରୁଦିବସ୍ ଭାବେ ପାଲନ୍ କରାଯାଏସି । ସମାଜ ଗଢ଼୍‌ବାର୍, ଶିକ୍ଷା ଆଉ ସଂସ୍କୃତିର ବିକାଶ୍ ଦିଗେ ଗୁରୁମାନ୍‌କର୍ ଅବ୍‌ଦାନ୍‌ର ତୁଲନା ନାଇଁନ । ଶିକ୍ଷକ୍‌ମାନେ ହେଉଛନ୍ ସଭ୍ୟତାର ସ୍ତପତି ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଗୁଟେ ବାର୍ତାଥି କହିଛନ୍ ଯେ, ଶିକ୍ଷା ହେଉଛେ ପ୍ରଗତିର୍ ଚାବିକାଠି । ଶିକ୍ଷକ୍‌ମାନେ ହେଉଛନ୍ ପ୍ରକୃତ ରାଷ୍ଟ୍ରନିର୍ମାତା ଶିକ୍ଷା ଜରିଏ ସମାଜ୍‌ଥି ବୈପ୍ଲିବିକ ପରିବର୍ତନ୍ ଆସିଥିସି । ଯେନ୍ ଦେଶେ ଶିକ୍ଷା ଆଉ ଶିକ୍ଷକ୍‌ମାନ୍‌କର୍ ମର୍ଯ୍ୟାଦା ଯେତେ ଅଏତ୍‌କା ଆଏ ସେ

ଦେଶର୍ ସଭ୍ୟତା ଆଉ ସଂସ୍କୃତି ସେତେ ଉନ୍ନତ୍ ଆଏ ବଲି ମୁଖ୍ୟମନ୍ତ୍ରୀ ତାଙ୍କର୍ ବାର୍ତାଥି କହିଛନ୍ ।

ଇ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ର ସମ୍ମିଲନୀ କକ୍ଷ ନ ରାଜ୍ୟସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆର୍ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ୍ ଆୟୋଜିତ୍ ହେଉଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ରାଜ୍ୟର୍ ୩ ଶହ ୬୫ ଝନ୍ ଛାତ୍ରଛାତ୍ରୀମାନ୍‌କୁ ଇ ଅବ୍‌ସରେ ଶିକ୍ଷା ପୁରସ୍କାର୍ ଦିଆଯିବା । ଇଥି ଆଇନ୍, ପୂର୍ତ ଆଉ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସର୍ବବ୍ୟାପୀ ଆଉ ସର୍ବସ୍ପର୍ଶୀ ଅଭିମୁଖ୍ୟ ଜରିଏ ଦେଶେ ଥିବା ପାଖାପାଖି ୫ ହଜାର୍‌ଟା ଉଚ୍ଚଶିକ୍ଷାନୁଷ୍ଠାନ୍‌କେ ଉତ୍କର୍ଷ କେନ୍ଦ୍ର କର୍‌ବାର୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ । ଉଚ୍ଚଶିକ୍ଷା ଅନୁଷ୍ଠାନମାନ୍‌କର୍ ଲାଗି ସଂସ୍ଥାଗତ୍ ବିକାଶ୍ ଯୋଜ୍‌ନା ଉପ୍‌ରେ ହେଇଥିବା କର୍ମଶାଳାକେ ଉଦ୍‌ଘାଟନ୍ କରିକରି ଶ୍ରୀ ପ୍ରଧାନ୍ ଇଟା କହିଛନ୍ । ଇ ଅବ୍‌ସରେ ସେ ୟୁଜିସି ନିୟମାବଳୀ ସଂକଲନ୍‌ର ଉନ୍ମୋଚନ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ-କେରଳ, ତ୍ରିପୁରା ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେରଳ ଆର୍ ତ୍ରିପୁରା ନ ଗଲାମାସ ହେଇଥିବା ପ୍ରାକୃତିକ ବିପର୍ଯ୍ୟୟ ଉତାରୁ ପୁନରୁଦ୍ଧାର୍ ଆର୍ ପୁନଃନିର୍ମାଣ୍ ଲାଗି ୫ କୋଟି ଟଙ୍କା ଲେଖା ସାହାଜ୍ ଘୋଷ୍‌ନା କରିଛନ୍ । ଇ ସାହାଜ୍ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ଦିଆଯିବା । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେରଳ ଆଉ ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଟେଲିଫୋନ୍‌ଥି ସେମାନ୍‌କର୍ ରାଜ୍ୟ ନ ହେଇଥିବା ପ୍ରାକୃତିକ ବିପର୍ଯ୍ୟୟର୍ ନୁକ୍‌ସାନ୍ ବାବ୍‌ଦେ ଆଲୋଚନା କରିକରି ସମବେଦନା ଜନେଇଥିଲେ । ଦୁହି ରାଜ୍ୟ ନ ଥିବାର୍ ଓଡ଼ିଆ ଲୁକ୍‌କୁ ସାହାଜ୍ କରିଥିବାର୍‌ନୁ ମୁଖ୍ୟମନ୍ତ୍ରୀ ସେମାନ୍‌କୁ ଧନ୍ୟବାଦ୍ ଜନେଇଥିଲେ ।

ପଂଚାୟତିରାଜ୍, ପାନୀୟ ଜଳ ବିଭାଗ୍ ବ୍ୟୟବରାଦ

ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ମୋଟ୍ ୨୭ ହଜାର୍ ୨ ଶହ ୧୬ କୋଟି ୪୭ ଲାଖ୍ ଟଙ୍କା ବ୍ୟୟବରାଦ୍ ବିଭାଗୀୟ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଧାନ୍‌ସଭାଥି ଉପସ୍ଥାପନ୍ କରିଛନ୍ । ଇ ଭିତ୍‌ରୁ ୨୦ ହଜାର୍ ୭ ଶହ ୫୩ କୋଟି ୫୩ ଲାଖ୍ ଟଙ୍କା ଯୋଜ୍‌ନା ବାବ୍‌ଦେ ବ୍ୟୟ ବାବଦ୍‌ଥି ଆଉ ୭ ଶହ ୧୮ କୋଟି ୬୦ ଲାଖ୍ ଟଙ୍କା ପ୍ରଶାସନିକ୍ ବ୍ୟୟ ବାବଦ୍‌ଥି ବରାଦ୍ କରାଯାଇଛେ । ସେନ୍ତା ୧୫ ନମ୍ବର୍ କେନ୍ଦ୍ରୀୟ ଅର୍ଥ ଆୟୋଗ୍ ଅଧୀନ୍‌ଥି ୨ ହଜାର୍ ୭ ଶହ ୧୩ କୋଟି ୨୪ ଲାଖ୍ ଟଙ୍କା ଆଉ ପଂଚମ ରାଜ୍ୟ ଅର୍ଥ ଆୟୋଗ୍ ଅଧୀନ୍‌ଥି ୩ ହଜାର୍ ୩୧ କୋଟି ୯ ଲାଖ୍ ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଇ ଆର୍ଥିକ୍ ବଛର୍ ଲାଗି ହେଇଥିବା ବଜେଟ୍ ଅଟକଲ୍ ଲେଖାନୁଦାନ୍ ବଜେଟ୍ ୨୦୨୪-୨୫ ନୁ ୧୭ ପ୍ରତିଶତ୍ ଅଏତ୍‌କା ଆଏ । ଇଟା ଭିଲ୍ ୨୦୨୩-୨୪ ଆର୍ଥିକ୍ ବଛର୍‌ର ବଜେଟ୍ ବ୍ୟୟବରାଦ୍‌ନୁ ପାଖାପାଖି ୧ ହଜାର୍ କୋଟି ଅଏତ୍‌କା ଆଏ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଶାସନ୍ ସଚିବ-ଜିଲ୍ଲା ପରିଷଦ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ଶାସନ୍ ସଚିବ୍ ମାନେ ଏତ୍‌କେ ଭିନ୍ ଭିନ୍ ଜିଲ୍ଲାକେ ଫି’ ମାସ ୨ ଦିନ୍ ପରିଦର୍ଶନ୍ କର୍‌ବେ । ଇ ବାବ୍‌ଦେ ରାଜ୍ୟ

ସର୍କାର୍ଙ୍କର୍ ତରଫ୍ରୁ ନିର୍ଦ୍ଦେଶନାମା ଜାରି କରାଯାଇଛେ । ଇ ସମିଆଥି ସେମାନେ ଜିଲ୍ଲାମାନ୍କେ କାର୍ଯ୍ୟକାରୀ ହଉଥିବା ଉନ୍ନୟନ୍ ମୂଳକ୍ ଯୋଜ୍ନା ମାନ୍କେ ଅଏତ୍କା ଲୋକାଭିମୁଖୀ ଆର୍ ଗତିଶୀଲ କର୍ବାର୍କେ ତଦାରଖ୍ ଆର୍ ସମୀକ୍ଷା କରିକରି ପରାମର୍ଶ ଦେବେ । ସଚିବମାନେ ନିଜର୍ ଇଛା ଅନ୍ସାରେ କେନ୍ସି ଭିଲ୍ ଜାଗା ଚିହ୍ନଟ୍ କର୍ବେ । ସେ ଭିତ୍ରେ ଅପହଂଚ୍ ଆଉ ଆଦିବାସୀ ବହୁଳ ଇଲାକା ସମିଲ୍ ରହେବା । ଗସ୍ତ ସମିଆଥି କେନ୍ସି ଗୁଟେ ଗ୍ରାମ୍ପଂଚାୟତ୍ ଯିବେ ଆଉ ସେନ ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନାର୍ ମୌଲିକ୍ ସୁବିଧା ମିଳୁଛେ କି ନାଇଁ ସେ ବାବ୍ଦେ ତଦାରଖ୍ କର୍ବେ । କ୍ଷେତ୍ର ପରିଦର୍ଶନ୍ ଉତାରୁ ଗୁରୁତ୍ୱପୂର୍ଣ୍ଣ ବିଷେ ଉପ୍ରେ ଜିଲ୍ଲାପାଳ୍ ଆଉ ଜିଲ୍ଲାସ୍ତରୀୟ ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିକରି ସମୀକ୍ଷା କର୍ବେ । ଖାସ୍କରି ଡିଏମ୍ଏଫ୍ ଜିଲ୍ଲା ଅନୁଗୁଳ୍, ଯାଜ୍ପୁର୍, ଝାର୍ସୁଗୁଡ଼ା, କେନ୍ଦୁଝର, କୋରାପୁଟ୍, ମୟୁର୍ଭଞ୍ଜ୍, ରାୟଗଡ଼ ଆର୍ ସୁନ୍ଦର୍ଗଡ଼୍ ଜିଲ୍ଲା ନ ଡିଏମ୍ଏଫ୍ ଆର୍ ଓମ୍ବାଡିସ୍ ପାଣ୍ଠି ବିନିଯୋଗ୍ ବାବ୍ଦେ ସମୀକ୍ଷା କର୍ବେ ।

ଡେଙ୍ଗୁ- ସ୍ୱାସ୍ଥ୍ୟମନ୍ତ୍ରୀ      ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଡେଙ୍ଗୁଥି କେହି ନାଇଁ ମରି ବଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ନିରଞ୍ଜନ୍ ପୂଜାରୀ ଆଉ କଲିକେଶ୍ ସିଂହଦେଓଙ୍କର୍ ଧ୍ୟାନ୍ ଆକର୍ଷଣ୍‌କାରୀ ପ୍ରସ୍ତାବ୍‌ର ଉତର୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଏଛେନ୍ ରାଏଜେ ୫୩ ହଜାର୍ ୩ ଶହ ୬୧ ଟା ଡେଙ୍ଗୁ ନମୁନା ପରୀକ୍ଷା ହେଇଛେ । ସେ ଭିତ୍‌ରୁ ୩ ହଜାର୍ ୩ ଶହ ୭ ଝନ୍ ଡେଙ୍ଗୁ ରୋଗୀ ଥିବାର୍ ଜନାପଡ଼ିଛେ । ଭୁବ୍‌ନେଶ୍ୱର୍, ଖୋର୍ଦ୍ଧା, ସୁନ୍ଦର୍‌ଗଡ଼୍ ଆର୍ ବଲାଙ୍ଗିର୍ ନ ଅଏତ୍‌କା ଡେଙ୍ଗୁରୋଗୀ ଅଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ମାଛ୍ ରପ୍ତାନୀ- ଓଡ଼ିଶା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟନୁ ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୩ ହଜାର୍ ୯ ଶହ ୫୪ କୋଟି ଟଙ୍କାର୍ ମାଛ ରପ୍ତାନୀ ହେଇଛେ ବଲି ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ବିଧାୟକ୍ ଧ୍ରୁବଚରଣ୍ ସାହୁଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, କେନ୍ଦ୍ର ସର୍‌କାର୍‌ଙ୍କର୍ ତଥ୍ୟ ଅନ୍‌ସାରେ ମାଛ୍ ଉତ୍ପାଦନ୍‌ଥି ଜାତୀୟ ସ୍ତର୍ ନ ଓଡ଼ିଶା ୪ ନମ୍ବର୍ ଠାନେ ଥିଲା ।

ଉତରାଂଚଲ୍ ରାଜସ୍ୱ କମିଶନର୍-କୁଚିଣ୍ଡା  ସମ୍ବଲପୁର୍ ସମ୍ବାଦଦାତା

ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ ରାମଚନ୍ଦ୍ର ଯାଦବ୍ ଗଲାକାଏଲ୍ କୁଚିଣ୍ଡା ସବ୍‌ଡିଭିଜନ୍ ଗସ୍ତ୍‌ଥି ଯାଇକରି ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । ଶ୍ରୀ ଯାଦବ୍ ଜମିନ୍‌କିରା ବ୍ଲକ୍‌ର ଷଣ୍ଢପଥର୍ ସର୍‌କାରୀ ଉଚ୍ଚବିଦ୍ୟାଳୟ, କୁଚିଣ୍ଡାର୍ ମୁକୁନ୍ଦି ଷ୍ଟାଡ଼ିୟମ୍, କୁଚିଣ୍ଡା କଲେଜ୍ ଆଉ କୁଚିଣ୍ଡାର୍ ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ବୁଲିକରି ଦେଖିଥିଲେ ।